# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 24 June – 2026

************************************

## ମୁଖ୍ୟ ସମ୍ବାଦ

- ସାମୁଦ୍ରିକ ବାଣିଜ୍ୟର ସୁରକ୍ଷା ବ୍ୟାପକ ପ୍ରଗତିର ପ୍ରବେଶ ପଥ; କହିଲେ ମୁଖ୍ୟମନ୍ତ୍ରୀ

– ୧୪୦ତମ ମଲ୍ଟି ଏଜେନ୍ସି ସାମୁଦ୍ରିକ ସୁରକ୍ଷା ଗ୍ରୁପ୍ ନୀତି ବୈଠକକୁ କଲେ ଉଦ୍‌ଘାଟନ

- କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ସଫଳତା ସମ୍ପର୍କରେ ଭୁବନେଶ୍ୱର ସାମ୍ବାଦିକ ସମ୍ମିଳନୀରେ ତଥ୍ୟ ରଖିଲେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱାଲେ

- ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୧୪୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁଧ ଫେରସ୍ତ କଲେ ରାଜ୍ୟ ସରକାର

ଏବଂ

- କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହେଲା ଆନ୍ତଃ ରାଜ୍ୟ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା

# ସାମୁଦ୍ରିକ ସୁରକ୍ଷା ଗ୍ରୁପ ନୀତି ବୈଠକ

ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ୧୪ତମ ମଲ୍ଟି ଏଜେନ୍ସି ସାମୁଦ୍ରିକ ସୁରକ୍ଷା ଗ୍ରୁପ ନୀତି ବୈଠକକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସାମୁଦ୍ରିକ ବାଣିଜ୍ୟ ଓ ଏହାର ସୁରକ୍ଷା ବ୍ୟାପକ ପ୍ରଗତିର ପ୍ରବେଶପଥ। ସମୁଦ୍ର, ବନ୍ଦର, ମତ୍ସ୍ୟସମ୍ପଦ ଏବଂ ନୀଳ ଅର୍ଥନୀତି ହେଉଛି ଗୁରୁତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି। ଏହାର ସୁରକ୍ଷା, ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ବର୍ତ୍ତମାନ ସମୟରେ ସାମୁଦ୍ରିକ ସୁରକ୍ଷା ଆଇନ ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ ବୋଲି ଶ୍ରୀ ମାଝୀ କହିଛନ୍ତି।

**- V/O -**

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ସାମୁଦ୍ରିକ ଇତିହାସ ସମ୍ପର୍କରେ ଆଲୋକପାତ କରି କହିଛନ୍ତି, ଭାରତର ସାମୁଦ୍ରିକ ବିକାଶ ଗାଥାରେ ରାଜ୍ୟର ପ୍ରମୁଖ ଭୂମିକା ରହିଛି। ଓଡ଼ିଶାର ସାମୁଦ୍ରିକ ରଣନୀତିକୁ ଆହୁରି ମଜଭୁତ କରିବା ପାଇଁ ଗଞ୍ଜାମଠାରେ ଏକ ଗଭୀର ସମୁଦ୍ର ବନ୍ଦର ଏବଂ ପାରାଦ୍ୱୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି। କେନ୍ଦ୍ର ସରକାରଙ୍କ ସାଗର, ଆକ୍ଟ ଇଷ୍ଟ ପଲିସି, ବିମ୍‌ଷ୍ଟେକ୍ ଆଦି ପ୍ରଗତିଶୀଳ ନୀତିକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି। ମାଛଧରା

ଡଙ୍ଗାଗୁଡ଼ିକରେ ନଭମିତ୍ର ଟ୍ରାନ୍ସପଣ୍ଡରର ସଂଯୋଗ ଏବଂ ଉପକୂଳବର୍ତ୍ତୀ ଗ୍ରାମର ଉନ୍ନତି ଆଦି କାର୍ଯ୍ୟକ୍ରମ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ ଅବସରପ୍ରାପ୍ତ ଭାଇସ ଆଡମିରାଲ ବିଶ୍ୱଜିତ ଦାସଗୁପ୍ତା ଯୋଗଦେଇ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ବିଭିନ୍ନ ମଡେଲ ଏବଂ ରଣନୈତିକ ଢାଞ୍ଚା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏଥିରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କ ସମେତ ଉପକୂଳବର୍ତ୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

BBSR/R

## ଅଠାୱାଲେ - ଓଡ଼ିଶା ଗସ୍ତ

କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ ଆଜି ଓଡ଼ିଶା ଗସ୍ତରେ ଆସି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଶ୍ରୀ ଅଠାୱାଲେ ବରିଷ୍ଠ ଅଧିକାରୀମାନଙ୍କ ସହ ବିଭାଗୀୟ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସମୀକ୍ଷା କରିଥିଲେ । ପରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଅଠାୱାଲେ' ଗତ ୧୨ ବର୍ଷରେ କେନ୍ଦ୍ର ସରକାରଙ୍କ ବିଭିନ୍ନ

ଜନକଲ୍ୟାଣକାରୀ ଯୋଜନାର ସଫଳତା ସମ୍ପର୍କରେ ଆଲୋଚନା କରି କହିଛନ୍ତି, ଦେଶରେ ବର୍ତ୍ତମାନ ସୁଦ୍ଧା ୫୮ କୋଟିରୁ ଅଧିକ ଲୋକଙ୍କ ଜନଧନ ଆକାଉଣ୍ଟ ରହିଛି। ସେଥିମଧ୍ୟରୁ ଓଡ଼ିଶାର ୨ କୋଟି ୪୦ ଲକ୍ଷରୁ ଅଧିକ ଆକାଉଣ୍ଟ ରହିଛି। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ୧୦ ଲକ୍ଷ ଟଙ୍କାର ଋଣ ସହାୟତାକୁ ବର୍ତ୍ତମାନ ୩୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ଯୋଜନା ଅଧୀନରେ ଏ ପର୍ଯ୍ୟନ୍ତ ୩ କୋଟି ୬୪ ଲକ୍ଷ ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଛି। ଉଜ୍ଜ୍ୱଳା ଯୋଜନାରେ ଓଡ଼ିଶାର ୫୬ ଲକ୍ଷ ୪୭ ହଜାର ଲୋକ ଉପକୃତ ହୋଇଛନ୍ତି। ତୃତୀୟ ଲିଙ୍ଗୀଙ୍କ ସୁରକ୍ଷା ଏବଂ ସେମାନଙ୍କୁ ଅଧିକାର ପ୍ରଦାନ ଦିଗରେ ସରକାର ଏକାଧିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଅନୁସୂଚିତ ଜନଜାତି ଏବଂ ଜାତିବର୍ଗର ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ଓ ବୃତ୍ତି କ୍ଷେତ୍ରରେ ସରକାର ନେଉଥିବା ପଦକ୍ଷେପ ଉପରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଅଠାୱାଲେ ସୂଚନା ଦେଇଥିଲେ।

HS

## ପାଠ୍ୟପୁସ୍ତକ ତ୍ରୁଟି

ବିଦ୍ୟାଳୟ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ–ଏସ୍.ସି.ଇ.ଆର୍.ଟି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗଠିତ ତିନିଜଣିଆ କମିଟି ତଦନ୍ତ ଆରମ୍ଭ କରିଛନ୍ତି। କମିଟି ଆଜି ତଦନ୍ତ ରିପୋର୍ଟ ପ୍ରଦାନ କରିବେ। ଏହାର ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। କମିଟି ସଦସ୍ୟ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ବିଜୟ କେତନ

ଉପାଧ୍ୟାୟ, ଗଣଶିକ୍ଷା ସଚିବ ଏନ୍.ତିରୁମାଲ୍ଲା ନାୟକ, ଓସେପା ନିର୍ଦ୍ଦେଶିକା ଅନନ୍ୟା ଦାସ ଉପସ୍ଥିତ ରହି ଘଟଣାର ବିଭିନ୍ନ ଦିଗରେ ଉପରେ ତର୍ଜମା କରୁଛନ୍ତି।

BBSR/R

## ମିଶନ ଶକ୍ତି– ସୁଧ ଟଙ୍କା ଫେରସ୍ତ

ରାଜ୍ୟର ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଓ ସେମାନଙ୍କୁ ଉଦ୍ୟୋଗୀଭାବେ ଗଢ଼ି ତୋଳିବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱର ମିଶନ ଶକ୍ତି ଭବନଠାରେ ଆୟୋଜିତ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ୨ ଲକ୍ଷ ୮୮ ହଜାର ୧୯୮ଟି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୧୪୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁଧ ଫେରସ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡକ୍ଟର ମୋନିକା ପ୍ରିୟଦର୍ଶିନୀ, ବିଭାଗର ବରିଷ୍ଠ ଅଧିକାରୀ, ବ୍ୟାଙ୍କ ଓ ସହଯୋଗୀ ସଂସ୍ଥାର ପ୍ରତିନିଧି ଏବଂ ୩୦ଟି ଜିଲ୍ଲାରେ ଜିଲ୍ଲାସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ଓ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

Desk

## ନବକୃଷ୍ଣ ଚୌଧୁରୀ - ପୁଣ୍ୟତିଥି

ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆଜି ରାଜ୍ୟବାସୀ ତାଙ୍କ ଅମ୍ଲାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବିଧାନସଭା ପ୍ରାଙ୍ଗଣରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ

ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ବିଧାୟକମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଛନ୍ତି, ସତ୍ୟ, ନିଷ୍ଠା, ଜନସେବା ଓ ଆଦର୍ଶ ନେତୃତ୍ୱ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ତାଙ୍କର ଉତ୍ସର୍ଗୀକୃତ ସେବା ଅତୁଳନୀୟ। ଓଡ଼ିଶାର ପ୍ରଗତି ପାଇଁ ସେ ସୁଦୃଢ଼ ଭିତ୍ତିଭୂମି ସ୍ଥାପନ କରି ଯାଇଛନ୍ତି। ତାଙ୍କର ସରଳ ଜୀବନ, ସ୍ୱଚ୍ଛତା ଓ ମୂଲ୍ୟବୋଧଭିତ୍ତିକ ରାଜନୀତି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଶ୍ରୀ ମାଝୀ କହିଛନ୍ତି।

English Pool

# ୟୁଥ୍ ପାର୍ଲାମେଣ୍ଟାରୀ ପ୍ରାଇଜ୍

ନୂଆଦିଲ୍ଲୀରେ ଆସନ୍ତାକାଲି ୩୬ତମ ଜାତୀୟ ଯୁବ ସଂସଦ ପ୍ରତିଯୋଗିତା ୨୦୨୫-୨୬ର ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବ । ସମାରୋହରେ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଯୋଗଦେଇ ଛାତ୍ରଛାତ୍ରୀ ଓ ବିଦ୍ୟାଳୟଗୁଡ଼ିକୁ ପୁରସ୍କାର ବଣ୍ଟନ କରିବେ । ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏଭଳି ପ୍ରତିଯୋଗିତା ଆୟୋଜିତ ହୋଇଆସୁଛି। ଦେଶବ୍ୟାପୀ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର

୨୫ଟି ସ୍ଥାନରେ ୨୦୦ଟି ବିଦ୍ୟାଳୟ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଯୁବବର୍ଗଙ୍କ ମଧ୍ୟରେ  ଗଣତାନ୍ତ୍ରିକ ଚିନ୍ତାଧାରାକୁ ପ୍ରୋତ୍ସାହନ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଉଦ୍ଦେଶ୍ୟ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

Puri

## ମହାପ୍ରଭୁଙ୍କ ରାଜେନ୍ଦ୍ର ଅଭିଷେକ

ପୁରୀ ଶ୍ରୀମନ୍ଦିରରେ ଆଜି ଜ୍ୟେଷ୍ଠ ଶୁକ୍ଳ ଦଶମୀ ତିଥିରେ ମହାପ୍ରଭୁଙ୍କ ରାଜେନ୍ଦ୍ର ଅଭିଷେକ ନୀତି କରାଯିବ । ସନ୍ଧ୍ୟାଧୂପ ପରେ ଏହି ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ । ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ଆଜ୍ଞାମାଳ ପ୍ରାପ୍ତି ପରେ ଭୋଗ ଘର ନିକଟକୁ ବିଜେ କରିବେ । ଏହି ସମୟରେ ମହାପ୍ରଭୁଙ୍କ ଆଲଟଲାଗି ସହିତ ପଣାଭୋଗ ହେବ । ଭୋଗବାଟଠାରେ ବଚନିକା ସହିତ ପରବର୍ତ୍ତୀ ସମୟରେ ମଦନମୋହନଙ୍କୁ ରଥକୁ ନିଆଯିବାର ପରମ୍ପରା ରହିଛି । ପରେ ରଥବେଢ଼ା ପରିକ୍ରମା ଓ ମହାପ୍ରଭୁଙ୍କ ନିକଟରେ ଦଣ୍ଡ ପ୍ରଣାମ କରାଯିବ ।

Subarnpur

## ବିକାଶର ଧାରା, ଓଡ଼ିଶା ସାରା

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ‘ବିକାଶର ଧାରା, ଓଡ଼ିଶା ସାରା’ କାର୍ଯ୍ୟକ୍ରମକୁ ନେଇ ଏକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ସଦର ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଏଥିରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଏବଂ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା

ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ରଘୁନାଥ ଜଗଦଲା ଯୋଗଦେଇ ଗ୍ରାମାଞ୍ଚଳର ବିକାଶ, ଗମନାଗମନ ବ୍ୟବସ୍ଥା, ପାନୀୟ ଜଳ ସୁବିଧା, ମହିଳା ସଶକ୍ତୀକରଣ ଦିଗରେ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ଉପରେ ମତ ରଖିଥିଲେ ।

Nabarangpur

## ଏକ ପେଡ଼ ମା' କେ ନାମ୍

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକଠାରେ 'ଏକ ପେଡ଼, ମା' କେ ନାମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଚାରାରୋପଣ କରିଥିଲେ । ଚାରାରୋପଣ କରି ପରିବେଶର ସୁରକ୍ଷା ଦିଗରେ ସମସ୍ତଙ୍କୁ ଆଗେଇ ଆସିବା ପାଇଁ ଶ୍ରୀ ଗଣ୍ଡ ପରାମର୍ଶ ଦେଇଥିଲେ ।

DHNKL

## ବିକାଶ ଧାରା, ଓଡ଼ିଶା

ଢେଙ୍କାନାଳ ଜିଲ୍ଲା ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟ ପରିସରରେ ଆଧାର ସେବା କେନ୍ଦ୍ରକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଛନ୍ତି । ଏହି କେନ୍ଦ୍ରରେ ଜନସାଧାରଣ ମୋବାଇଲ ନମ୍ବର ଓ ବାୟୋମେଟ୍ରିକ ଅପଡେଟ୍ , ଜନ୍ମ ତାରିଖ ସଂଶୋଧନ ଆଦି କରିପାରିବେ ।

Boudh

## ଏସ୍.ଆଇ.ଆର୍

ବୌଦ୍ଧ ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ– ଏସ୍.ଆଇ.ଆର୍ ୯୭ ପ୍ରତିଶତ ଡିଜିଟାଇଜେସନ୍ ପ୍ରକ୍ରିୟା ଶେଷ ହୋଇଛି। ଜିଲ୍ଲାରେ ୯୯ ଦଶମିକ ୯/୨ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ସଂଗୃହୀତ ପରିଗଣନା ଫର୍ମଗୁଡ଼ିକର ଡିଜିଟାଇଜେସନ୍ ପ୍ରକ୍ରିୟା ଜାରି ରହିଛି।

Boudh

## ମ୍ୟାଲେରିଆ ନିରାକରଣ

ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବୈଷୟିକ କାର୍ଯ୍ୟନିର୍ବାହୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମ୍ୟାଲେରିଆ ନିରାକରଣ ଓ ଅନ୍ୟାନ୍ୟ ବାହକଜନିତ ରୋଗ ଉପରେ ଆଲୋଚନା କରାଯାଇଥିଲା। ମଶା ଓ ଲାଭା ନିୟନ୍ତ୍ରଣ ପାଇଁ ରସାୟନିକ ସ୍ପ୍ରେ ମେସିନର ବ୍ୟବହାର ବୃଦ୍ଧି ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

Desk

## ଆଥ୍ଲେଟିକ୍ ଚାମ୍ପିୟନସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଜିଠାରୁ ୬୫ତମ ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା-୨୦୨୬ ଆରମ୍ଭ ହୋଇଛି । ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୬୩୦ ଜଣ ଖେଳାଳି ଭାଗ ନେଉଛନ୍ତି । ଏଥିରେ ମୋଟ୍ ୪୫ଟି ବର୍ଗରେ ପ୍ରତିଯୋଗିତା ହେବ । କୃତୀ ପ୍ରତିଯୋଗମାନେ ଆସନ୍ତା ସେପ୍ଟେମ୍ବର ମାସ ୧୯ରୁ ଅକ୍ଟୋବର ୪

ତାରିଖ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ-୨୦୨୬ରେ ଭାଗନେବାର ସୁଯୋଗ ପାଇବେ ।